# ରବିନାରାୟଣ ସେନାପତି

ଜନ୍ମ: (୧୯୫୨-....)

ଶ୍ରୀ ରବିନାରାୟଣ ସେନାପତି ଛାତ୍ର ଜୀବନରୁ କବିତା ଓ ପ୍ରବନ୍ଧ ରଚନାରେ ମନୋନିବେଶ କରି ଏପର୍ଯ୍ୟନ୍ତ ବହୁ ପୁସ୍ତକର ରଚୟିତା । ଭାରତୀୟ ପ୍ରଶାସନ ସେବାର ଜଣେ ସଦସ୍ୟ ଭାବରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ କେତେକ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହିତ ସଂପୃକ୍ତ । ତାଙ୍କର କବିତା ସଂକଳନଗୁଡ଼ିକ-

ଅଷ୍ଟମ ଗର୍ଭ (କବିତା ସଂକଳନ), ପୃଷ୍ଠା-୭୬, ପ୍ରକାଶକାଳ-୧୯୯୫, ମୂଲ୍ୟ-ଟ.୧୦୦/-

ଜନ୍ମଲଗ୍ନ' (କବିତା ସଂକଳନ)- ପ୍ରକାଶକାଳ-୨୦୦୨, ମୂଲ୍ୟ-ଟ.୯୦/-

ଶୋଭାଯାତ୍ରା' , ପ୍ରକାଶକାଳ-୨୦୦୦, ମୂଲ୍ୟ-ଟ.୧୦୦/-,

**'ଅନ୍ତରଂଗ ମୋହ'** , ପୃଷ୍ଠା-୮୦, ପ୍ରକାଶକାଳ-୨୦୦୭, ମୂଲ୍ୟ-ଟ.୯୦/-,

କବି ସବୁ ସମୟରେ ସଂଶୟର ଭାଷା ପ୍ରକାଶ କରେ । ନିଶ୍ଚିତ ସତ୍ୟ ସନ୍ଧାନରେ ପ୍ରଶ୍ନ ପଚାରିଚାଲେ । ରବି ନାରାୟଣ କବିତା ସଂକଳରେ ସେହି ସଂଶୟ ହିଁ ପ୍ରକାଶ କରିଛନ୍ତି । ଏକବିଂଶ ଶତାବ୍ଦୀର ଏହି କବିତା ଗୁଡ଼ିକ ପଛରେ ଏକ ଭିନ୍ନ ଧରଣର ଯନ୍ତ୍ରଣାବୋଧ ରହିଛି ଯାହା ସାଧାରଣ ବିଚ୍ଛିନ୍ନତା ବୋଧ, ନୈରାଶ୍ୟ କିମ୍ବା ଅପାରଗ ଏକାକୀପଣ ଠାରୁ ଅଲଗା । ମଣିଷର ଅମାନବିକତା, ନିଷ୍ଠୁରତା ଏବଂ କପଟ ବର୍ବର ରାଜନୀତି ଯୋଗୁ ଯେଉଁ ହିଂସା ଘୃଣା, ହତ୍ୟା-ବିଭୀଷିକା ବିଂଶ ଶତାବ୍ଦୀରେ ବେଶି ଅନୁଭୂତ ହୋଇଛି ସେହି ଆତ୍ମଘାତୀ ଅମଣିଷପଣ ହିଁ ରବି ନାରାୟଣଙ୍କ କାବ୍ୟ ଚେତନା ।